# ଏମ୍‌ଏସ୍‌ପିରୁ ବଞ୍ଚିତ



## ତେନ୍ତୁଳି

ଏକ ସନ୍ଦର୍ଭ

VASUNDHARA

democratizing natural resource governance

# ସର୍ବନିମ୍ନ ସହାୟକ ମୂଲ୍ୟ କ'ଣ ?

**ଏମ୍‌ଏସ୍‌ପି ର ଅର୍ଥ ସର୍ବନିମ୍ନ ସହାୟକ ମୂଲ୍ୟ । କୌଣସି ସାମଗ୍ରୀ ଉପରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଏକ ନିର୍ଦ୍ଦିଷ୍ଟ ଦର । ଯା।।ହାକି ଉଭୟ କୃଷି ଓ ଲଘୁବନଜାତ ଦ୍ରବ୍ୟ ପାଇଁ ପ୍ରଯୁଯ୍ୟ । କୃଷକ ବା ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ପ୍ରାଥମିକ ସଂଗ୍ରହକାରୀଙ୍କୁ ଯେପରି ସାମଗ୍ରୀ ବିକିଲା ବେଳେ କୌଣସି ପ୍ରକାର କ୍ଷତିର ସାମ୍ନା କରିବାକୁ ନପଡେ ଓ ସେମାନଙ୍କର ସାମଗ୍ରୀକୁ ଉଚିତ ମୂଲ୍ୟ ମିଳେ ସେଥିପାଇଁ ସରକାରଙ୍କ ଦ୍ୱାରା ଏମ୍‌ଏସ୍‌ପି (ମିନିମମ୍ ସପୋର୍ଟ ପ୍ରାଇସ୍/ ସର୍ବନିମ୍ନ ସହାୟକ ମୂଲ୍ୟ) ଭଳି ଏକ ଯୋଜନା କାର୍ଯ୍ୟକାରୀ କରାଯାଇଛି ।**

ଜଙ୍ଗଲ ଅଧିକାର ଅଧୀନିୟମ ୨୦୦୬ ଅନୁସାରେ ଲଘୁବନଜାତ ଦ୍ରବ୍ୟର ଅର୍ଥ ସମସ୍ତ ପ୍ରକାର ଅଣ କାଷ୍ଠ ଜଙ୍ଗଲ ଜାତ ଦ୍ରବ୍ୟ । ଯେପରିକି ବାଉଁଶ, ବେତ, ଟସର, କୁକୁନ୍, ମହୁଲ, ଝୁଣା, ଲାଖ, କେନ୍ଦୁପତ୍ର, ଔଷଧୀୟ ଗଛ, ବିଭିନ୍ନ ପ୍ରକାର ଉଦ୍ଭିଦ, ସେମାନଙ୍କର ପତ୍ର, କାଣ୍ଡ, ଚେର ଇତ୍ୟାଦି ।

ଜଙ୍ଗଲ ଅଧିକାର ଅଧୀନିୟମ ଜଣେ ବନବାସୀଙ୍କୁ ନିଜର ଗାଁର ସୀମା ଭିତରେ ଓ ବାହାରେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ, ତାର ବ୍ୟବହାର ଓ ତାର ସଂରକ୍ଷଣ ଉପରେ ସେମାନଙ୍କର ଅଧିକାରକୁ ସୁନିଶ୍ଚିତ କରେ ।

କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଲଘୁବନଜାତ ଦ୍ରବ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ ଲାଗୁ ହେବା ଯୋଜନା ୨୦୧୩-୧୪ ଆର୍ଥିକ ବର୍ଷରେ ଆରମ୍ଭ ହୋଇଛି । ବିଶେଷକରି ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟ ବନବାସୀମାନଙ୍କ ସାମାଜିକ ନିରାପତ୍ତାକୁ ସୁରକ୍ଷା ଦେବା ପାଇଁ ଏହା ସମସ୍ତପାଇଁ ଏହା ୨୦୧୩ ମସିହାରେ କାର୍ଯ୍ୟକାରୀ କରାଯାଇଥିଲା । ବନବାସୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଇଁ ଲଘୁବନଜାତ ଦ୍ରବ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇଛି ।

ଜଙ୍ଗଲରେ ନିର୍ଦ୍ଦିଷ୍ଟ ଲଘୁବନଜାତ ଦ୍ରବ୍ୟ ନଷ୍ଟ ହୋଇଯିବା, ଏହାକୁ ଧାରଣ କରି ରଖିବାର କ୍ଷମତା କମିଯିବା, ବଜାରୀକରଣର ସୁବିଧା ନ ମିଳିବା, ଖୁଚୁରା ବ୍ୟବସାୟୀଙ୍କ ଦ୍ୱାରା ଶୋଷଣର ଶୀକାର ହେବା, ଆବଶ୍ୟକତା ବେଳେ ସରକାରୀ ସୁବିଧା ନ ମିଳିବା ଭଳି ସମସ୍ୟାକୁ ଏଡାଇବା ପାଇଁ ଲଘୁବନଜାତ ଦ୍ରବ୍ୟ ଉପରେ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଲାଗୁ କରାଇବା ଭଳି ଏକ ନିୟମକୁ ଲାଗୁ କରିଛନ୍ତି ।

ଲଘୁବନବଜାତ ଦ୍ରବ୍ୟ ସଂଗ୍ରହକାରୁଥିବା ପ୍ରାଥମିକ ସଂଗ୍ରହାରୀଙ୍କୁ ଉଚିତ ମୂଲ୍ୟ ପ୍ରଦାନ ଓ ସେମାନଙ୍କର ଆୟକୁ ଦ୍ୱିଗୁଣିତ କରିବା, ଲଘୁବନଜାତ ଦ୍ରବ୍ୟର ଅମଳକୁ ନିୟମିତ ଭାବେ ସୁନିଶ୍ଚିତ କରିବା, ପ୍ରାଥମିକ ପ୍ରକ୍ରିୟାକରଣ, ସଂରକ୍ଷଣ, ଏହାର ବଜାରୀକରଣ ଭଳି ସୁବିଧା ଯୋଗାଇବା ଏହି ଯୋଜନାର ମୂଳ ଆଭିମୁଖ୍ୟ ।

*Source: https://trifed.tribal.gov.in/program/non-timber*

# ଲଘୁବନଜାତ ଦ୍ରବ୍ୟର ତାଲିକା:

୧. ତେନ୍ତୁଳି, ମଞ୍ଜିଛଡା
ତେନ୍ତୁଳି ଓ ତେନ୍ତୁଳି ମଞ୍ଜି
୨. ମହୁଲ ଫୁଲ
୩. ଫୁଲ ଝାଡୁ
୪. ଥ୍ରୋନ୍ ବ୍ରୁମ୍ (ଝାଡୁ ପ୍ରସ୍ତୁତ ପାଇଁ ଅନ୍ୟ ଏକ ପ୍ରକାର ଗଛ)
୫. ହିଲ ବ୍ରୁମ୍ (ଏକ ପ୍ରକାର ପାହାଡି ଘାସ)
୬. ବ୍ରୁମ ଗ୍ରାସ୍
୭. କୋଚିଲା ମଞ୍ଜି
୮. ହରିଡା
୯. ବାହାଡା
୧୦. ଅଁଳା
୧୧. ରିଠା ଫଳ
୧୨. ଭାଲିଆ ଫଳ
୧୩. ନିର୍ମଳା ଫଳ
୧୪. ମହୁ,
୧୫. ଶିଆଳି ପତ୍ର
୧୬. ସବାଇ ଘାସ
୧୭. ଆମ୍ବ କୋଇଲି
୧୮. ଥାର୍ଟଚ୍ ଗ୍ରାସ୍
୧୯. ଶିମୁଳି ତୁଳା
୨୦.ପାଳୁଅ
୨୧. ଧାଟୁକି ଫୁଲ
୨୨. ପୁଟରାନି
୨୩. ଶିଖାକାଇ
୨୪. ଜଙ୍ଗଲ ଜଡା/ ଗବ
୨୫. ପଳାସ ମଞ୍ଜି
୨୬.ଶିଆଳି ମଞ୍ଜି
୨୭. ଇନ୍ଦ୍ର ଜବ (କୋରାଇ ମଞ୍ଜି)
୨୮. ଗିଲା
୨୯. ବେଣାଚାର
୩୦. ବଣ ହଳଦୀ
୩୧. ଗବ
୩୨. ବାସିଲ
୩୩. ବଣ କୋଳଥ
୩୪. ମାଖେନା ମଞ୍ଜି ( କଣ୍ଟା ପଦ୍ମ)
୩୫. ତଳ ମାଖନା ମଞ୍ଜି
୩୬. ବାଇଡଙ୍ଗ ମଞ୍ଜି
୩୭. ବାଘନଖିଆ ମଞ୍ଜି
୩୮. କମଳା ଗୁଣ୍ଡି ଫଳ
୩୯. ଲଣ୍ଡା ବାଗୁଲି
୪୦. ବେଲ
୪୧. ଚିରତା (ଭୂଇଁ ନିମ)
୪୨. ଖଜୁରୀ ପାଟ
୪୩. ରୋହିଣୀ ଫଳ
୪୪. ଭୁସୁଙ୍ଗା ପତ୍ର
୪୫. ଫଣଫଣା ଫଳ
୪୬. ରସନା ଚେର
୪୭. ସିଦ୍ଧ ଫଳ
୪୮. ସୀତାବରୀ
୪୯. କିଆ ଲାଲ୍
୫୦. ଆଉଣ୍ଡି ଲାଲ୍
୫୧. ଖେଳୁଆ ଲାଲ୍
୫୨. ସୁଆଁ ଲାଲ୍
୫୩. ଏକସୀରା ଫଳ
୫୪. ଛତୁ
୫୫. ସପ ମଶିଣା ଘାସ
୫୬.ଅନାନିଆ ମୂଳ
୫୭. ଅଣ୍ଟିଆ ପାଟ
୫୮. ନାଗେଶ୍ୱର ଫୁଲ
୫୯. ମାଙ୍କଡ କେନ୍ଦୁ
୬୦. ଆଟୁଣ୍ଡି ଫଳ
୬୧. ମହୁଲ ମଞ୍ଜି
୬୨. କୁସୁମ ମଞ୍ଜି
୬୩. କରଞ୍ଜ ମଞ୍ଜି
୬୪. ନିମ୍ବ ମଞ୍ଜି
୬୫. ଚାର ମଞ୍ଜି
୬୬. ଚାକୁଣ୍ଡା ମଞ୍ଜି
୬୭.ବାବୁଲ ମଞ୍ଜି
୬୮. ବାଇବିରଙ୍ଗ ମଞ୍ଜି
୬୯. କାଜୁ ମଞ୍ଜି
୭୦. ମାଲକାନଗାନି ମଞ୍ଜି
୭୧. ମହୁଲ ପତ୍ର
୭୨. ନାଗୋଡ
୭୩.ଗୋଖରୁ
୭୪. ପିପଳା
୭୫. ସ୍ରିଙ୍ଗରାଜ

*Source : The Orissa Grama Panchayats (Minor Forest Produce Administration) Rules, 2002 ; https://pib.gov.in/Pressreleaseshare.aspx?PRID=1693540*

## ଟିଡିସିସି ଦ୍ୱାରା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଯୋଜନାରେ କିଣାଯାଇଥିବା ଲଘୁବନଜାତ ଦ୍ରବ୍ୟ

| Year | Quantity in MT | Value (Rs. In Lakh) | No. of MFPs |
|---|---|---|---|
| 2014-15 | 17.89 | 3.94 | 1 |
| 2015-16 | 420.57 | 95.23 | 6 |
| 2016-17 | 470.77 | 163.76 | 6 |
| 2017-18 | 1072.69 | 106.92 | 2 |
| 2018-19 | 3.879 | 3.61 | 1 |
| 2019-20 | 122.74 | 36.21 | 2 |
| 2020-21 | 14363.58 | 3033.04 | 9 |
| 2021-22 | 2508.53 | 771.67 | 4 |
| 2022-23 | 5966.69 | 2163.11 | 3 |



*Source : www.tdccorissa.org*

| MFP | 2014-15 | | 2015-16 | | 2016-17 | | 2017-18 | | 2018-19 | | 2019-20 | | 2020-21 | | 2021-22 | | 2022-23 | |
|---|---|---|---|---|---|---|---|---|---|---|---|---|---|---|---|---|---|---|
| | Qty in MT | Value ( Rs. in Lakh) | Qty in MT | Value ( Rs. in Lakh) | Qty in MT | Value ( Rs. in Lakh) | Qty in MT | Value ( Rs. in Lakh) | Qty in MT | Value ( Rs. in Lakh) | Qty in MT | Value ( Rs. in Lakh) | Qty in MT | Value ( Rs. in Lakh) | Qty in MT | Value ( Rs. in Lakh) | Qty in MT | Value ( Rs. in Lakh) |
| Seeded Tamarind | | | 303.00 | 66.66 | 72.20 | 15.88 | | | | | 111.22 | 34.48 | 915.90 | 329.72 | 1661.76 | 598.23 | 5907.07 | 2126.54 |
| Karanja Seeds | | | 16.08 | 3.38 | 0.39 | 0.08 | | | | | | | 0.00 | 0.00 | | | | |
| Sal Seeds | | | 23.24 | 2.32 | 191.17 | 19.12 | 1055.44 | 105.54 | | | | | 13353.92 | 2670.78 | 832.51 | 166.50 | | |
| Mahua Seeds | 17.89 | 3.94 | 44.43 | 9.78 | 2.47 | 0.54 | | | | | | | 85.48 | 24.79 | | | | |
| Chiranjee Seeds | | | 10.53 | 10.53 | 118.69 | 118.69 | | | 3.879 | 3.61 | | | 4.11 | 5.18 | | | | |
| Myrobalan | | | 23.29 | 2.56 | 85.84 | 9.44 | 17.25 | 1.38 | | | 11.52 | 1.73 | 1.49 | 0.22 | 4.27 | 0.64 | 2.07 | 0.31 |
| Hill Brooms | | | | | | | | | | | | | 1.88 | 0.94 | | | | |
| Honey | | | | | | | | | | | | | 0.70 | 1.37 | | | | |
| Baheda | | | | | | | | | | | | | 0.08 | 0.01 | | | | |
| De Seeded Tamarind | | | | | | | | | | | | | 0.04 | 0.02 | 9.99 | 6.29 | 57.55 | 36.26 |
| **Total** | 17.89 | 3.94 | 420.57 | 95.23 | 470.77 | 163.76 | 1072.69 | 106.92 | 3.879 | 3.61 | 122.7 | 36.21 | 14363.58 | 3033.04 | **2508.53** | **771.67** | **5966.688** | **2163.11** |
| Grand Total | Qty in MT | | | | | | | | | | | | **24947.34** | | | | | |
| | Value ( Rs. in Lakh) | | | | | | | | | | | | **6377.48** | | | | | |

୨୦୧୪ରୁ ୨୦୨୩ ମଧ୍ୟରେ ଟିଡିସିସି ଦ୍ୱାରା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଯୋଜନାରେ କିଣାଯାଇଥିବା ଲଘୁବନଜାତ ଦ୍ରବ୍ୟର ତାଲିକା ।

*Source : www.tdccorissa.org*

# ତେନ୍ତୁଳି ବିଷୟରେ:



ଭାରତ ହେଉଛି ବିଶ୍ୱର ସର୍ବବୃହତ ତେନ୍ତୁଳି ଉତ୍ପାଦନକାରୀ ଦେଶ । ଏହା ପ୍ରାୟତଃ ଦେଶର ବିଭିନ୍ନ ଜଙ୍ଗଲ, ବେସରକାରୀ ଫାର୍ମ ଓ ଲୋକଙ୍କ ଘରେ ଥିବା ଗଛରୁ ସଂଗ୍ରହ କରାଯାଇଥାଏ । ଉଭୟ ଘରୋଇ ଓ ଆନ୍ତର୍ଜାତିକ ବଜାରରେ ତେନ୍ତୁଳି ଚାହିଦା ରହିଛି । ଯାହାକି ଉତ୍ପାଦନକାରୀ ଓ ସଂଗ୍ରହକାରୀଙ୍କ ଆର୍ଥିକ ବିକାଶରେ ସାହାଯ୍ୟ କରେ ।

ତନ୍ତୁଳିକୁ ସମସ୍ତେ ପସନ୍ଦ କରୁଥିବା ବେଳେ ଓଡିଶାର ଦକ୍ଷିଣାଞ୍ଚଳ ଜିଲ୍ଲାଗୁଡିକରେ ଏହାର ଚାହିଦା ଟିକେ ବେଶୀ । ଆଚାର ଛଡା ଏହା ଚାରୁ ଓ ଜୁସ୍ ପ୍ରସ୍ତୁତରେ ବ୍ୟବହାର କରାଯାଏ । ତେନ୍ତୁଳିର ଔଷଧୀୟ ଗୁଣ ବି ରହିଛି । ଶରୀରର ତାପମାତ୍ରାକୁ ନିୟନ୍ତ୍ରଣ କରିବା ସହ ହଜମ ପ୍ରକ୍ରିୟାକୁ ଠିକ୍ ରଖିବା ପାଇଁ ଲୋକେ ତେନ୍ତୁଳିକୁ ବ୍ୟବହାର କରିଥାନ୍ତି । ଅନେକ ସ୍ଥାନରେ ତେନ୍ତୁଳି ମଞ୍ଜିର ଗୁଣ୍ଡକୁ ଗୋଖାଦ୍ୟ ଭାବେ ବ୍ୟବହାର କରାଯାଏ ।

**ସଂଗ୍ରହ ଓ ପ୍ରକ୍ରିୟାକରଣ:**

ଶାଳ ଓ ଶିଆଳି ପରେ ମହୁଲ ଓ ତେନ୍ତୁଳି; ଏହି ଦୁଇଟି ଲଘୁବନଜାତ ଦ୍ରବ୍ୟ ମହିଳାଙ୍କୁ ସର୍ବାଧିକ ଆୟ ପ୍ରଦାନ କରିଥାଏ । ଫେବୃୟାରୀ-ମାର୍ଚ୍ଚରୁ ଆରମ୍ଭ କରି ଜୁନ୍ ଶେଷ ପର୍ଯ୍ୟନ୍ତ ବନବାସୀମାନେ ଏହାକୁ ସଂଗ୍ରହ କରିବା ପ୍ରକ୍ରିୟାରେ ଲାଗନ୍ତି । ଜଙ୍ଗଲ, ବେସରକାରୀ ଫାର୍ମ ଓ ସ୍ଥାନୀୟ ଲୋକଙ୍କ ବାଡିରେ ଥିବା ଗଛରୁ ସଂଗ୍ରହ କରାଯାଉଥିବା ତେନ୍ତୁଳିକୁ ପ୍ରଥମିକ ସଂଗ୍ରହକାରୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସହାୟକ ମୂଲ୍ୟରେ ବିକ୍ରି କରିବାକୁ ଅଧିକ ଆଗ୍ରହ ଦେଖାଇଥାନ୍ତି । ଯଦି ଭଲ ଅମଳ ହୋଇଥାଏ ତେବେ ଜଣେ ସଂଗ୍ରହକାରୀ ସକାଳ ୭ରୁ ଅପରାହ୍ନ ୪ଟା ଭିତରେ ୩୦ରୁ ୪୦ କିଲୋ ତେନ୍ତୁଳି ସଂଗ୍ରହ କରିପାରେ ।

ପୂରା ତୋଳିବାରୁ ଆରମ୍ଭ କରି ଏହାର ବିକ୍ରିବଟା ପାଇଁ ଜଣେ ମହିଳାଙ୍କୁ ୭ ଦିନ ସମୟ ଲାଗୁଥିବା ବେଳେ ଏମ୍ଏସ୍ପି ହିସାବରେ ଏହା ୩୬ ଟଙ୍କାରେ ବିକ୍ରି ହୁଏ ।


*Source : https://www.jetir.org/papers/JETIR2202210.pdf ; http://www.banajata.org/pdf/ntfp-profile/OR-Tamarind.pdf*

# ସର୍ବନିମ୍ନ ସହାୟକ ମୂଲ୍ୟରେ ତେନ୍ତୁଳି:



୨୦୧୪ ମସିହାରେ ସରକାର ଲଘୁବନଜାତ ଦ୍ରବ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିଥିବା ବେଳେ ଓଡିଶା ସରକାର ୨୦୨୦ ମସିହାରୁ ତେନ୍ତୁଳି କିଣିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏହି କ୍ରମରେ ତେନ୍ତୁଳିର ସର୍ବନିମ୍ନ ସହାୟକ ମୂଲ୍ୟ ୩୬ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ମଞ୍ଜିଛଡା ତେନ୍ତୁଳି ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୬୩ ଟଙ୍କା ଧାର୍ଯ୍ୟ କରାଯାଇଛି । ଓଡିଶାରେ ପ୍ରତିବର୍ଷ ୨୦ ହଜାର ମେଟ୍ରିକ ଟନ୍‌ର ତେନ୍ତୁଳି ଉତ୍ପାଦିତ ହୋଇଥାଏ ।

## ଓଡିଶାର ବାର୍ଷିକ ତେନ୍ତୁଳି ଉତ୍ପାଦନ କ୍ଷମତା : ୨୦ ହଜାର ମେଟ୍ରିକ୍ ଟନ୍




*Source : www.tdccorissa.org*

# ତେନ୍ତୁଳି ପାଇଁ ଥିବା ଏମ୍ଏସ୍ପି ବାବଦରେ ଲୋକଙ୍କ ମୁହଁରୁ :



'ଭାବିଥିଲି ଏବର୍ଷ ତେନ୍ତୁଳି ଭଲ ଦି ପଇସା ଆୟ ଦେବ । ମହୁଲ ଆଉ ତେନ୍ତୁଳି ବିକ୍ରି କରି ନଣନ୍ଦ ବାହାଘରଟା ସାରି ଦେବି । ହେଲେ ସରକାର କିଛି ନେଲେନି । ବାଧହୋଇ ଗାଁର ଖୁଚୁରା ବ୍ୟବସାୟୀଙ୍କୁ ସମସ୍ତ ସଂଗ୍ରହ ତେନ୍ତୁଳି ୧୮ ଟଙ୍କାରେ ବିକି ଦେଲି' । ଏମିତି କହନ୍ତି ମୟୂରଭଞ୍ଜ ଜିଲ୍ଲା ଯଶୀପୁର ଅଞ୍ଚଳର ସୁନିତି ମାଝୀ ।

ପରିବାର କହିଲେ ସୁନୀତି, ତାଙ୍କ ସ୍ୱାମୀ, ୩ ପିଲା, ଶାଶୂ ,ଶ୍ୱଶୂର, ନଣନ୍ଦ । ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ତାକୁ ପାଖ ହାଟରେ ବିକ୍ରି କରିବା ସୁନିତି ପରିବାର ଲୋକଙ୍କ ମୁଖ୍ୟ କାମ । ଘରର ପୁରୁଷମାନେ ଜଙ୍ଗଲ ଜମିରେ ଚାଷ ବାସ କରୁଥିବା ବେଳେ ମହିଳାମାନେ ବିଶେଷ କରି ମହୁଲ, ତେନ୍ତୁଳି ଭଳି ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ତାକୁ ବିକ୍ରିବଟା କରିଥାନ୍ତି । ସକାଳୁ ଘରେ ଭାତ-ପେଜ ଖାଇ ଜଙ୍ଗଲକକୁ ଯିବାରେ ଓ ଫେରିବାରେ ପୂରା ଦିନ ଯାଏ । ଏମିତିରେ ଯଦି ଘରକୁ ଦି ପଇସା ନ ଆସେ ତେବେ ଖୁବ୍ ବାଧେ ବୋଲି ସୁନିତି କହନ୍ତି ।

କେବଳ ସୁନୀତି ନୁହଁନ୍ତି ଏବେ ରାଜ୍ୟର ଅଧିକାଂଶ ଆଦିବାସୀ ଜିଲ୍ଲାଗୁଡିକରେ ତେନ୍ତୁଳି ଉପରେ ନିର୍ଭର କରୁଥିବା ଆଦିବାସୀ ପରିବାରର ଏହି କାହାଣୀ । ଗତ ଫେବୃୟାରୀ ମାସରୁ ତେନ୍ତୁଳି ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ତାହା ମେ' ଶେଷ ଯାଏଁ ଚାଲିବ । ଗ୍ରାମ୍ୟ ଅର୍ଥନୀତିକୁ ସାହାଯ୍ୟ କରୁଥିବା ଏହି ଲଘୁବନଜାତ ଦ୍ରବ୍ୟ କିଣିବା ନେଇ କିନ୍ତୁ ବର୍ତ୍ତମାନ ସୁଦ୍ଧା ଟିଡିସିସି ପକ୍ଷରୁ ଗାଁ କି ପଞ୍ଚାୟତ ସ୍ତରରେ କୌଣସି ସୂଚନା ଦିଆଯାଇନି । ଏପରିକି ରାଜ୍ୟ ସ୍ତରରେ ବି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇନି । ଏଣେ ପ୍ରାଥମିକ ସଂଗ୍ରହ କାରୀ ତେନ୍ତୁଳିକୁ ଜଙ୍ଗଲରୁ ସଂଗ୍ରହ କରି ସ୍ଥାନୀୟ ବେପାରୀଙ୍କ ହାତରେ ଟେକି ଦେବାକୁ ବାଧ ହେଉଛନ୍ତି ।

ରାଜ୍ୟର ରାୟଗଡା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, କନ୍ଧମାଳ, ଦେଓଗଡ, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର ଭଳି ଜିଲ୍ଲାଗୁଡିକରୁ ସାଧାରଣତଃ ତେନ୍ତୁଳି ସଂଗ୍ରହ କରାଯାଉଥିବା ବେଳେ ସରକାର ଏଥିପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ କିଲୋପ୍ରତି ୩୬ ଟଙ୍କା ଧାର୍ଯ୍ୟ କରିଛନ୍ତି । ହେଲେ ଏହି ଲଘୁବନଜାତ ଦ୍ରବ୍ୟ କେଉଁଠାରେ ବିକ୍ରି ହେବ ଓ ଏହାକୁ ଟିଡିସିସି କେଉଁଠାରେ କିଣିବ ସେନେଇ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ପ୍ରଦାନ କରିନାହିଁ । ଫଳରେ ପ୍ରଥମିକ ସଂଗ୍ରହକାରୀ ଏହାକୁ ବିଭିନ୍ନ ଉତ୍ପାଦକ ଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବଦଳରେ ଖୁଚୁରା ବେପାରୀଙ୍କୁ କିଲୋପ୍ରତି ୧୮ରୁ ୨୪ ଟଙ୍କାରେ ବିକ୍ରି କରୁଛନ୍ତି ।

ଏ ବାବଦରେ ଦଶପଲ୍ଲା କାଇଁଡିହା ଅଞ୍ଚଳର କଳାବତୀ ନାୟକ କହିଛନ୍ତି; ଲଘୁବନଜାତ ଦ୍ରବ୍ୟ ଉପରେ ସରକାର ଏମ୍ଏସ୍ପି ଧାର୍ଯ୍ୟ କରିଛନ୍ତି ବୋଲି ଆମେ ସବୁବେଳେ ଶୁଣୁଛୁ । ହେଲେ କେବେ ଏହାର ଲାଭ ପାଇନୁ । ଜଙ୍ଗଲ ଯେତେବେଳେ ଆମର । ଜଙ୍ଗଲ ଜାତ ଦ୍ରବ୍ୟ ଯେତେବେଳେ ଆମର । ସେତେବେଳେ ଏହାକୁ ବିକି ଲାଭ ପାଇବା ବି ଆମର ଅଧିକାର । କେହି ଆମକୁ ଏଥିରୁ ବଞ୍ଚିତ କରିପାରିବା କଥା ନୁହେଁ ।

ଯଶୀପୁର ସ୍ଥିତ ବାଉଁଶନଳୀ ପଞ୍ଚାୟତ ମାଣ୍ଡାମ ଗାଁର ସମ୍ବାରି ଜେରାଇ କହନ୍ତି ଘରେ ମୋର ନିଜର ତେନ୍ତୁଳି ଗଛ ଅଛି । ଏହାବାଦ ପ୍ରତିବର୍ଷ ମୁଁ ଗଛ ହିସାବରେ ୩ରୁ ୪ ହଜାର ଟଙ୍କା ଦେଇ ଆଗୁଆ ତେନ୍ତୁଳି କିଣିନିଏ । ପରେ ଏହାକୁ ଝାଡି ବିକେ । ଆଗରୁ ଖୁଚୁରା ବେପାରୀଙ୍କୁ ୧୦ରୁ ୧୨ ଟଙ୍କା କିଲୋ ହିସାବରେ ବିକ୍ରି କରି ଦେଉଥିଲି । ଗତ ଦୁଇ ବର୍ଷ ହେବ ଗାଁର ପୁନେଇଁ ଚାନ୍ଦ ଉତ୍ପାଦକ ଗୋଷ୍ଠୀକୁ ୨୫ ଟଙ୍କା କିଲୋପ୍ରତି ତେନ୍ତୁଳି ବିକିଛି । ଆଉ ଭଲ ଦୁଇ ପଇସା ବି ପାଉଛି । ଏବର୍ଷ ତେନ୍ତୁଳି



ପାଚିବାରେ ସାମାନ୍ୟ ବିଳମ୍ବ ହୋଇଛି । ୨ଟା ଗଛରୁ ପାଖାପାଖି ୪ କୁଇଣ୍ଟାଲ ତେନ୍ତୁଳି ଝାଡିଛି । ମୋ ପାଖେ ଏବେ ଗାଁର ଆହୁରି ୩ଟି ଗଛ ଅଛି । ଏ ବର୍ଷ ଯଦି ସରକାରଙ୍କ ହିସାବରେ ଏମ୍ଏସ୍ପି ମିଳେ ତେବେ ନିଶ୍ଚିତ ଭାବେ ଭଲ ଦୁଇ ପଇସା ହେବ ବୋଲି ମୋର ଆଶା ।

**ସର୍ବାଧିକ ପ୍ରଭାବିତ ହେବେ ମହିଳା:**

ଶାଳ ଓ ଶିଆଳି ପରେ ମହୁଲ ଓ ତେନ୍ତୁଳି; ଏହି ଦୁଇଟି ଲଘୁବନଜାତ ଦ୍ରବ୍ୟ ମହିଳାଙ୍କୁ ସର୍ବାଧିକ ଆୟ ପ୍ରଦାନ କରିଥାଏ । ମାତ୍ର ତେନ୍ତୁଳି ତୋଳିବା, ତାକୁ ଗୋଟାଇବା ଭଳି ପ୍ରକ୍ରିୟାଠାରୁ ଆରମ୍ଭ କରି ତାକୁ ବିକିବା ପର୍ଯ୍ୟନ୍ତ ଜଣେ ମହିଳା ଯେତିକି ସମୟ ଖର୍ଚ୍ଚ କରେ ସେହି ହିସାବରେ ତାକୁ ପାରିଶ୍ରମିକ ମିଳେନି । ସାଧାରଣତଃ ମହିଳାମାନେ ଗଛରୁ ତେନ୍ତୁଳି ତୋଳିବା ପ୍ରକ୍ରିୟାରେ ସାମିଲ ହୋଇ ପାରୁନଥିବା ବେଳେ ଏହାକୁ ଘରର ପୁରୁଷମାନେ କରିଥାନ୍ତି । ସାନ ଗଛ ହେଲେ ଗୋଟିଏ ଦିନର ୭ରୁ ୮ ଘଣ୍ଟା ଓ ବଡ ଗଛ ହେଲେ ୨ରୁ ତିନି ଦିନ ତେନ୍ତୁଳି ତୋଳିବା କାମରେ ଲାଗେ ।

ହେଲେ ତେନ୍ତୁଳିକୁ ମାଟିରୁ ଉଠାଇ ରଖିବା କାମରେ ଘରର ସମସ୍ତ ମହିଳା ଓ ପିଲାମାନେ ସାମିଲ ହୋଇଥାନ୍ତି । ପରେ ତେନ୍ତୁଳିଗୁ ଆଣି ତାକୁ ବାଡିରେ ପିଟି ଚୋପା ଛଡାଯାଏ ଓ ତାହାକୁ ଦୁଇରୁ ତିନି ଦିନ ଖରାରେ ଶୁଖାଯାଇ ବିକ୍ରିପାଇଁ ଉପଯୁକ୍ତ କରାଯାଏ । ପୂରା ତୋଳିବାରୁ ଆରମ୍ଭ କରି ଏହାର ବିକ୍ରିବଟା ପାଇଁ ଜଣେ ମହିଳାଙ୍କୁ ୭ ଦିନ ସମୟ ଲାଗୁଥିବା ବେଳେ ତେନ୍ତୁଳି କିଲୋପ୍ରତି ଏମ୍ଏସ୍ପି ହିସାବରେ ମାତ୍ର ୩୬ ଟଙ୍କା ମିଳେ । ହେଲେ ସରକାରୀ ଉଦାସୀନତା ଯୋଗୁଁ ଅନେକ ସ୍ଥାନରେ ମହିଳାମାନଙ୍କୁ ଧାର୍ଯ୍ୟ ମୂଲ୍ୟ ମିଳେନି । ଫଳରେ ସେମାନେ ଏହାକୁ ଖୋଲା ବଜାରରେ ବିକ୍ରି କରିବାକୁ ବାଧ ହୁଅନ୍ତି । ଏ ବାବଦରେ ଯଶୀପୁର ବ୍ଲକ୍ ବାଉଁଶନାଳୀ ପଞ୍ଚାୟତ ମାଣ୍ଡାମା ଗାଁ ସ୍ଥିତ ପୁନେଇଁ ଚାନ୍ଦ ଉତ୍ପାଦକ ଗୋଷ୍ଠୀର ସଦସ୍ୟା ମାଳତୀ ପିଙ୍ଗୁଆ କହନ୍ତି ଗତ ବର୍ଷ ଆମେ ଟିଡିସିସିକୁ ପାଖାପାଖି ୨ କୁଇଣ୍ଟାଲ ତେନ୍ତୁଳି ବିକ୍ରି କରିଥିଲୁ । ଏମ୍ଏସ୍ପି ୩୫ ଟଙ୍କା ହିସାବରେ ସରକାରୀ ଅଧିକାରୀ ଅମାଠାରୁ ତେନ୍ତୁଳି କିଣିଥିଲେ । ବର୍ତ୍ତମାନ ସୁଦ୍ଧା ଆମ ପାଖରେ ଗୋଟେ କୁଇଣ୍ଟାଲ୍ରୁ ଅଧିକ ତେନ୍ତୁଳି ମହଜୁଦ୍ ଅଛି । ଗାଁରେ ଅନେକ ମା' ଏବେ ସୁଦ୍ଧା ଗଛରୁ ତେନ୍ତୁଳି ତୋଳିବା ପ୍ରକ୍ରିୟା ଆରମ୍ଭ କରି ନାହାଁନ୍ତି । ଯାହାକି ଆମ ପାଖକୁ ବିକ୍ରି ପାଇଁ ଆସିବ ବୋଲି ଆମେ ନିଶ୍ଚିତ ଅଛୁ । ସବୁଠାରୁ ବଡ କଥା ଏ ଯାଏଁ ଟିଡିସିସି ଅଧିକାରୀମାନେ ତେନ୍ତୁଳି କିଣିବା ବାବଦରେ କିଛି କହୁନାହାଁନ୍ତି । ପଚାରିଲେ ପ୍ରକ୍ରିୟା ଆରମ୍ଭ ହୋଇନି ବୋଲି କହି ଏଡାଇ ଯାଉଛନ୍ତି । ତେନ୍ତୁଳି ବିକ୍ରିକରି ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନେ ଛେଳି, ମେଣ୍ଢା କିଣିବାକୁ ଚିନ୍ତା କରିଥିଲେ । ଏବେ ସରକାରଙ୍କ ଅନିଶ୍ଚିତତାରୁ ସମସ୍ତେ ଚିନ୍ତାରେ ।



## ଚିନ୍ତାରେ ୭ ମିଲିୟନ୍ ଆଦିବାସୀ:

ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସର୍ଭେ ଅନୁସାରେ ରାଜ୍ୟରେ ପ୍ରତିବର୍ଷ ୨୦ ହଜାର ମେଟ୍ରିକ୍ ଟନ୍‌ର ତେନ୍ତୁଳି ଉତ୍ପାଦିତ ହୋଇଥାଏ । ଯାହାକି ଭାରତର ତେନ୍ତୁଳି ଉତ୍ପାଦନର ୧୦ରୁ ୧୫% । ରାଜ୍ୟର ପାଖାପାଖି ୭ ମିଲିୟନ୍ ଲୋକ ଜଙ୍ଗଲ ଜମିରେ ରହୁଥିବା ବେଳେ ଏମାନେ ମୁଖ୍ୟତ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ବନବାସୀ ସମ୍ପ୍ରଦାୟ ଭିତରେ ଆସିଥାନ୍ତି । ଯେଉଁମାନେ କି ଅଧିକାଂଶ ଭୂମିହୀନ ଆଦିବାସୀ । କେବଳ ସେତିକି ନୁହେଁ ରାଜ୍ୟରେ ୩୨ ହଜାର ୯୧୮ଟି ଗାଁ ଜଙ୍ଗଲ ପାଖାପାଖି ରହୁଥିବା ବେଳେ ୫୨.୨୮ % ପରିବାର ମୁଖ୍ୟତଃ ଲଘୁବନଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି । ଜଣାଯାଏ ଯେ ପ୍ରତି ୧୦ ଜଣ ମହିଳାରେ ୮ ଜଣ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ଏହାକୁ ବିକ୍ରିବଟା କରି ଦୁଇ ପଇସା ଆୟ କରିଥାନ୍ତି । ଏଭଳି ସ୍ଥିତିରେ ଲଘୁବନଜାତ ଦ୍ରବ୍ୟର ଏମ୍‌ଏସ୍‌ପି ଅନୁସାରେ ବିକ୍ରିବଟା ହେବା ଜରୁରୀ ।

ଫୁଡ ସିକ୍ୟୁରିଟି ଆଟଲାସ୍ ଅନୁସାରେ ରାଜ୍ୟର ୮୭% ବନବାସୀ ବର୍ଷର ୩ରୁ ୫ ମାସ ନିଜର ଦୈନନ୍ଦିନ ଖାଦ୍ୟ ପାଇଁ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି । ବର୍ଷକୁ ସେମାନେ ଯେତିକି ଆୟ କରନ୍ତି ତାହାର ୩୦ରୁ ୪୦% ଲଘୁବନଜାତ ଦ୍ରବ୍ୟ ବିକ୍ରିବଟାରୁ ଆସିଥାଏ । ମାତ୍ର ଏହି ବନବାସୀମାନେ ଚାଷରୁ ମାତ୍ର ୧୦ରୁ ୧୫% ବାର୍ଷିକ ଆୟରେ ଯୋଗ କରିଥାନ୍ତି । ଅନ୍ୟ ସମସ୍ତ ବନଜାତଦ୍ରବ୍ୟ ଭଳି ପ୍ରତିବର୍ଷ ଓଡିଶାରୁ ପୋଡଶୀ, ଆନ୍ଧ୍ର, ଛତିଶଗଡ, କେରଳ ଆଦି ସ୍ଥାନକୁ ତେନ୍ତୁଳି ରପ୍ତାନୀ ହୁଏ । ହେଲେ ଓଡିଶା ସରକାରଙ୍କ ଆଦିବାସୀ ଉନ୍ନୟନ ନିଗମ ଏହାକୁ କିଣିବାରେ କୌଣସି ଆଗ୍ରହ ଦେଖାଉନାହିଁ ।